ମେଘଦୂତ ।

(ଉତ୍କଳ ଛନ୍ଦାନୁବାଦ ।)

1905

ମେଘଦୂତ ।

(ଉତ୍କଳ ଛନ୍ଦ୍ୟାନୁବାଦ ।)

ମାନନୀୟ ତାଲଚେର ନରପତି

ଶ୍ରୀଯୁକ୍ତ କିଶୋରଚନ୍ଦ୍ର ବୀରବର, ହରିଚନ୍ଦନ

ମହୋଦୟଙ୍କ ଉତ୍ସାହ ଓ ସମ୍ପୂର୍ଣ୍ଣ ସାହାଯ୍ୟ କ୍ରମେ

ପଣ୍ଡିତ ଶ୍ରୀଦାଶରଥି ବିଦ୍ୟାରତ୍ନ ଙ୍କ ଦ୍ୱାରା

ପ୍ରଣୀତ ଓ ପ୍ରକାଶିତ

ତାଲଚେର୍ ।

TALCHER

Printed by B. Padyalankar.
at the Kishore Press.

1905

ମୂଲ୍ୟ ୧୦ ୵

ଅବତରଣିକା

ମୁଁ ସଂସ୍କୃତ ମହାକବି ଶ୍ରୀଯୁକ୍ତ କାଳିଦାସକୃତ ମେଘଦୂତ ନାମକ ସଂସ୍କୃତ ଗ୍ରନ୍ଥକୁ ସାହିତ୍ୟ ପ୍ରେମିକ ତାଳଚେର ଅଧିନାଥ ଶ୍ରୀଯୁକ୍ତ ରାଜ କିଶୋର ଚନ୍ଦ୍ର ବୀରବର ହରିଚନ୍ଦନଙ୍କ ଅସୀମ ଉତ୍ସାହ ପୂର୍ଣ୍ଣ ଆଦେଶରେ ଉତ୍କଳ ପଦ୍ୟାନୁବାଦ କରି ଅଦ୍ୟ କିଶୋର ଚନ୍ଦ୍ର ଉତ୍କଳ ସାହିତ୍ୟ ସମାଲୋଚନୀ ସମିତିରେ ଅର୍ପଣ କରୁଅଛି। ଏପରେ ସମସ୍ତ ଶ୍ଳୋକ ପଦ୍ୟ ଗୁଡ଼ିକ କେତେକ ଦିବସ ପୂର୍ବେ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ପ୍ରକାଶ ହୋଇଥିଲା। ଉକ୍ତ ସମସ୍ତ ପଦ୍ୟଗୁଡ଼ିକ ସଂସ୍କୃତର ମନ୍ଦାକ୍ରାନ୍ତା ବୃତ୍ତର ଛନ୍ଦୋ ନିୟମ-ରକ୍ଷି ପ୍ରତ୍ୟେକ ମୂଳ ଶ୍ଳୋକ ଗୋଟି ୧ କୁ ଗୋଟିଏ ୧ ପଦ୍ୟରେ ଉତ୍କଳାନୁବାଦ କରିବାକୁ ହେଲା। ସଂସ୍କୃତ ଛନ୍ଦରେ ପ୍ରାକୃତିକ ପଦ୍ୟ ଲେଖିବା ଯେ କେତେଦୂର କଷ୍ଟକର ବ୍ୟାପାର ତାହା କାହାକୁ ଅବିଦିତ ନାହିଁ। ଭାଷାଗତ ଛନ୍ଦ ଏବଂ ଗୁରୁ ଲଘୁ ନିୟମ ହେତୁ ଏହାର ରୀତି ଆଦି ଅନ୍ୱୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ଜଗତରେ କେହି ନିର୍ଦ୍ଦୋଷ ନୁହନ୍ତି। ଯେହେତୁ ପୂର୍ବତ୍ତ କବିତା ମାନଙ୍କର ଦୋଷ ଦେଖାଯାଇ ଥାଏ ତେବେ ଏ କବିତା ସେ ପୂର୍ଣ୍ଣ ଦୋଷ ବର୍ଜିତ ଏହା ମୁଁ କହି ନପାରେ। କଣ୍ଟକ ପାଷାଣାଦିଦୁର୍ଗମ ପ୍ରଦେଶରେ ମାର୍ଗ ନିର୍ମ୍ମାଣ କରିବାକୁ ଯାଇ ଅସମସ୍ଥଳ ପ୍ରାପ୍ତ ହେଲେ ଅନ୍ଧାର ଭୟରେ ତହିଁରୁ ବିରତ ନହୋଇ ଯେ କୌଣସି ପ୍ରକାରେ ମାର୍ଗ ପ୍ରସ୍ତୁତ କରିବାକୁ ହୁଏ ସେପରି ଗୁରୁ ଲଘୁ ପ୍ରତି ଦୃଷ୍ଟି କରି କାଳିନ୍ଦ୍ୟାଦି ପ୍ରଚଳିତ ଶବ୍ଦମାନଙ୍କୁ ବହୁ କଷ୍ଟାନୁସନ୍ଧାନ ଦ୍ୱାରା ଯଥାସାଧ୍ୟ ପରିଶ୍ରମରେ ବିନ୍ୟସ୍ତ କରିବାରେ ତ୍ରୁଟି କରିନାହିଁ। ବିନୀତ ପ୍ରାର୍ଥନା ଯେ ସହୃଦୟ ବିବୁଧ ମଣ୍ଡଳୀ ଏଥିରେ ଯେ କୌଣସି ଅଂଶରେ ଅନ୍ୱୟ ବା ଦୋଷ ଥିବାର ଦେଖିବେ ତାହା ଦୟାକରି ସରଳତାର ସହିତ ମୋତେ ଜଣାଇଲେ ମୁଁ ତାହା ସାଦରେ ଗ୍ରହଣ କରି ବାରାନ୍ତରେ ସଂଶୋଧନ କରି ନେଇ ଯିବି। ଆଶାକରେ ଗୁଣଗ୍ରାହୀ ମହାନୁଭବ ମାନେ ଏହାର ଦୋଷ ତ୍ୟାଗ କରି ଗୁଣ ଗ୍ରହଣ କରିବେ। ସମ୍ପ୍ରତି ଏ ପୁସ୍ତକ ସଂକଳନରେ ଉଦାରହୃଦୟ ରାଜା ମହୋଦୟ ସମ୍ପୂର୍ଣ୍ଣ ସାହାଯ୍ୟ ଓ ଉତ୍ସାହଦାନ କରିଥିବା ଯୋଗେ ତାଙ୍କ ନିକଟରେ ଚିରକୃତଜ୍ଞତା ପାଶରେ ଆବଦ୍ଧ ରହିଅଛି। ସର୍ବ ସାଧାରଣଙ୍କ ସୁବିଧା ଆଶାରେ ଏ ପୁସ୍ତକର ମୂଲ୍ୟ ମଧ୍ୟ ଯଥାସାଧ୍ୟ ସୁଲଭ କଲି। ଆଶାକରେ ଗ୍ରାହକ ବର୍ଗ ଏହାର ଆଦର କଲେ ଶ୍ରମ ସଫଳ ମନେ କରିବି।

ବିନୀତ

ସମ୍ବଲପୁର ହିତୈଷିଣୀ ପତ୍ରିକାରେ ପ୍ରକାଶିତ
କୌଣସି କବିଙ୍କର ମତ ।

ଔତ୍କଳୀ ଭାଷା ସୁକୃତ ବସ୍ତୁତଃ ମେଘ ଦୂତାଖ୍ୟ କାବ୍ୟ,
ମନ୍ଦାକ୍ରାନ୍ତାଭିନବ ବସନେ ହୃଦ୍ୟ ସଙ୍କେତିତଅମେୟ ;
ଅତ୍ୟୁତ୍କୃଷ୍ଟା ଖଳୁହି ରଚନା ନାହିଁ ସନ୍ଦେହ ଏଥି,
ଏତେ ଶ୍ଳାଘା ଯହିଁ ବିତରଲେ ତାଳଚେରୀ କ୍ଷମାଭୃତ୍

ମନ୍ଦାକ୍ରାନ୍ତାର ନିୟମ ।

ଗୋଷ୍ଠାଗ୍ରର ପ୍ରଥମରୁ ଗୁରୁ ପ୍ରାନ୍ତ ସେରୂପ ବେନି,
ମଧ୍ୟେ ଏକାଦଶ ଦଶ, ପୁଣି ଦ୍ୱାଦଶାନ୍ତ ଦ୍ୱିବର୍ଣ୍ଣ ।
ଏଥୁଁ ଅନ୍ୟେ ଲଘୁ ସପତମେ ଶୃରଷଷ୍ଠେ ବିରାମ,
ମନ୍ଦାକ୍ରାନ୍ତା କରି ହିତଚଳେ ପୂର୍ବ ଗାରୁର୍ଯ୍ୟେ ଏହା ।

ଗୁରୁ ଲଘୁ ନିୟମ ।

ସର୍ବେ ଦୀର୍ଘ ସ୍ୱରକୁ ଗୁରୁଯେ, ଯୁକ୍ତ ପୂର୍ବାକ୍ଷରେ ତା,
ଯାହା ଦେହେ ମିଶିଥିବ ଜାଣ ଯୋଗ ବାହାକ୍ଷ ବର୍ଣ୍ଣ ।
ତାହା ମଧ୍ୟେ ଗୁରୁ ଗଣନରେ ପାଦ ଶେଷେ ବିକଳ୍ପେ;
ପୂର୍ବାଗ୍ରୁଭିନ୍ନ କଲପିତ କଲେ ଲଘୁ ଶାସ୍ତ୍ରେ ଏହି ।

ଁଯେ ସାହିତ୍ୟାମ୍ବୁଧି ମଥନେ ନିଷ୍କଳଙ୍କୀ ଶଶାଙ୍କ,
କାର୍ଯ୍ୟେ ଶୌର୍ଯ୍ୟେ କୁଶଳ, ସୁଯଶା ତାଳଚେରାଧିନାଥ ।
ଯେବା ନାମେ ଧରଣି ବିଦିତ ଶ୍ରୀ କିଶୋରେନ୍ଦୁ, ତାଙ୍କ,
ଆଜ୍ଞାବଶେ ଥର ଦରଶାଇ ପ୍ରାକୃତେ ମେଘଦୂତ ।
କିଶୋର ଚନ୍ଦ୍ର ଉତ୍କଳ ସାହିତ୍ୟ ସମିତି । ତାଳଚେର

ମେଘଦୂତ ।

(ମନ୍ଦାକ୍ରାନ୍ତା ବୃତ୍ତ)

ନୋହୁଁ କାର୍ଯ୍ୟେ ନିଜ ଅଧିକୃତି; ଯକ୍ଷ କେ ସାବଧାନ;
ବର୍ଷେ କାନ୍ତା-ବିରହ ବିଷମ ସ୍ୱାମି ଶାପେ ନିରସ୍ତ ।
ସାନ୍ଦ୍ର ଛାୟାତରୁ; ଜଳ; ଯହିଁ; ଜାନକୀ ସ୍ନାନ ପୂତ;
କାନ୍ତା-ହୀନ୍ତା ବନ୍ଧ ବିରଚିଲା ବାସ ସେ ଚିତ୍ରକୂଟେ ।୧।

ସେ ଶୈଳାଙ୍କେ ଯୁବତି ବିରହୀ ନେଇ କେତେକ ମାସ;
କ୍ଷୀଣାଙ୍ଗୁଁ ଯା ଭୁଜମଣି, ସୁନା କଙ୍କଣ ଭ୍ରଷ୍ଟ ଶୂନ୍ୟ ।
ସେ ଆଷାଢ଼ ପ୍ରଥମ ଦିନରେ ଦେଖିଲା ମେଘମାଳା;
ବପ୍ର କ୍ରୀଡ଼ା ପରିଣତ ଗଜ ପ୍ରାୟ ଶୃଙ୍ଗେ ବିସ୍ତୃତେ ॥ ୨ ॥

ସେଥେ କଷ୍ଟେ ରହି ଘନ ମୁଖେ ଜାତ କାମାଭିଲାଷୁଂ;
ଅନ୍ତ ଥାପି ସେ ନୟନ ଜଳ ଧ୍ୟାୟିଲା ଦୀର୍ଘକାଳ ।
କାମ୍ୟାସଙ୍ଗୀ ଘନ ଦର୍ଶନେ ମଧ୍ୟ ଅନ୍ୟ ଉଲ୍ଲାସୀ,
କଣ୍ଠା ଶ୍ଳେଷ ପ୍ରଣୟି ବିଷୟେ ବୋଲିବା, କି ପ୍ରବାସେ ।୩।
ଧୂମଜ୍ୟୋତିଃ ସଲିଲ ପବନେ ହୋଇବା ମେଘ କାହିଁ;
କାହିଁ ବାର୍ତ୍ତା ଗମନ କଥନେ ଶକ୍ତିମାନ ବ୍ୟକ୍ତି ନେବା ।
ଉତ୍କଣ୍ଠାରେ ନ ଗଣି ଜଳଦେ ଗୁହ୍ୟକ ଶ୍ରେଷ୍ଠ ବାଞ୍ଛେ;
କାମୋନ୍ମାଦୀ ନମଣଇ ମନେ କେ, ସଚେତା ଅଚେତା । ୪ ।
କାନ୍ତାପ୍ରାଣେ ରହିବ ଜପଛି ଶ୍ରାବଣେ ବ୍ୟଗ୍ର ଆସେ;
ନିଜ ବ୍ୟସ୍ତେ ସୁକୁଶଳ କଥା ମେଘରେ ଦେବ ଯକ୍ଷ ।
ଏଯୋଗେ ସେ ନବ କୁଟଜରେ କଲି ପୂଜା ଉଦେଥି;
ପୃଚ୍ଛେ ସ୍ନେହେ ଅଭଲକ୍ଷ ଶୁଭେ ପ୍ରୀତ ବାକ୍ୟେ ତାହାଙ୍କୁ । ୫ ।

ଜାତେଣ ଖ୍ୟାତ ପ୍ରବର କୂଳରେ ପୁଷ୍କରାବର୍ତ୍ତିକଙ୍କ;
ତୁମ୍ଭ ଜାଣି ପ୍ରକୃତିର ପୁରୁଷ ସ୍ୱର୍ଗ ସ୍ୱାମୀଙ୍କ ଯେଣୁ ।
ତେଣୁ ପ୍ରାର୍ଥୀ ହଉଚି ତୁମ୍ଭରେ ଦୂରରେ ଥିବା କାନ୍ତା;
ଭଦ୍ରେ ଯାଚ୍ଞା ବିଫଳ ଭଲ ହେ ନୀଚରେ ଲବ୍ଧଠାରୁ । ୬
ତୁମ୍ଭେ ସନ୍ତାପିତଙ୍କ ଶରଣ କ୍ଷେମ ବାଞ୍ଛୀଙ୍କୁ ତେଣୁ;
କାନ୍ତା ପାଶେ ନିଅ, ଧନପତି-କ୍ରୋଧ ଦୂରସ୍ଥ ମୋର ।
"ଯକ୍ଷାବାସେ ଚଳିବ, ଅଳକା ନାମ, ଯା ଯେଉଁ ସ୍ଥଳ;-
ବାହ୍ୟା ଗ୍ରାମ ସ୍ଥିତ ଶିବ-ମଥା-ଚନ୍ଦ୍ରିକା ଧୌତ ଥାଇ । ୭ ॥
ଘୂର୍ଣ୍ଣାୟମାନେ ଗଗନକୁ ତୁମେ ଚଢ଼ିବ ହେ କୁନ୍ତଳାଗ୍ର;
ଟେକିବେ ଯେ ପଥିକ ବନିତା ଆସିବେ କାନ୍ତ ବୋଲି ।
ତୁମ୍ଭେ ବ୍ୟାପୁଁ ବିରହ ବିବଶା ପ୍ରେୟସୀ ତେଜିବେ କେ;
ମୋ ଛଡ଼ା ଆଉ ନାହାନ୍ତି ପରାଧୀନ ହୁଁ ଜୀବନମଧ୍ୟ । । ୮ ।
ମନ୍ଦେ ମନ୍ଦେ ତୁମ୍ଭଙ୍କୁ ପବନ ପ୍ରେରଇ ସ୍ୱାନୁକୂଳ,
ବାମେ ରବେ ମଧୁର କହି ହେ ଚାତକ ପ୍ରେମ ଗର୍ବେ ।
ଗର୍ଭାଧାନୋତ୍ସବ ପରିଚୟଂ, ଧାଡ଼ି ବନ୍ଧେ ବକାଳି;
ନିଶ୍ଚେ ନେତ୍ରପ୍ରିୟ ତୁମ୍ଭକୁ ସେ, ସେବିବେ ବ୍ୟୋମ ମାର୍ଗେ । ୯
ସାଧ୍ୱୀ ଦୁଃଖେ ଦିନ ଗଣୁଥିବ ପ୍ରାଣତା ଏଣୁ ଥାଇ;
ନିଶ୍ଚେ କାହିଁ ନଇବ, ଚଳିଲେ ଦେଖିବ ଭ୍ରାତୃ କାନ୍ତା ॥
ପୁଷ୍ପ ପ୍ରାଏ ଯୁବତି ହୃଦୟ ପ୍ରେମରେ ଯେଣୁ ଲଗ୍ନ;
କାନ୍ତେ, ଆଶା, ବିରହ ସମୟେ, ନୋହିଲେ ସେ ପଡ଼ନ୍ତା । ୧୦
ନିବନ୍ଧ୍ୟା, ଯେ, କରଇ ଧରଣୀ, କନ୍ଦଳୀ ଛତ୍ରଦେଇ,
ସେ ମାଧୂର୍ଯ୍ୟଧ୍ୱନି ତବ ଶୁଣି ମାନସୋତ୍ସୁକୀ ହୋଇ ।
ଖଣ୍ଡେ ଖଣ୍ଡେ ଧରି ବିସମଣିଳୀ ଜାଲ ପାଥେୟ ରୀତ;-
ହଂସେ, ଶୂନ୍ୟେ ସହିତର ଯିବେ ହୋଇ କୈଳାସ ଯାଏ । ୧୧
ମନ୍ତ୍ରେ ଯାହା-ଚିହ୍ନ, ପୁରୁଷେ ପୂଜ୍ୟ ରାମାଙ୍ଘ୍ରି ଚିହ୍ନ,
ଆଲିଙ୍ଗନ୍ତେ "ପ୍ରିୟ ସୁହୃଦ ଏ ଉଚ୍ଚଶୈଳେ" ପରିହ ।
ବର୍ଷାରମ୍ଭେ ଯା, ପ୍ରକଟଇ "ଲଭୁଁ ତୁମ୍ଭ ସଂଯୋଗ" ସ୍ନେହ,
ଦେଖାଇବେ ଚିର ବିରହ, ସଦା ଛାଡ଼ିବା ଉଷ୍ଣ ବାଷ୍ପ । ୧୨ ।

କହିଲେ ମୋତେଁ "ସହଜ ଚଳତା ବାଟ," ହେ ବାରିବାହ,
ଆଗେ, ତୁମ୍ଭେ ଶୁଣି ପୁଣି ଶୁଣ ଶ୍ରାବ୍ୟ ସନ୍ଦେଶ ମୋର ।
ଯେ ପନ୍ଥାରେ ବଳ ସରିଗଲେ ଶୈଳଶୃଙ୍ଗେ ବସିନି,
ଅଙ୍ଗ କ୍ଷୀଣେ ଗମିବ ସରଭ ଶ୍ରେଣି ଲଘୁମ୍ବୁ ପିଇ । ୧୩ ।
ନାଏ ଶୃଙ୍ଗଙ୍କ ଗିରିରୁ କି ନେଉ ବାୟୁ ଆଶ୍ଚର୍ଯ୍ୟ ଭାବେ;
ଚାହିଁ ଥାନ୍ତେ ଉପରକୁ ମୁଖରେ ମୁଗ୍ଧ ସିଦ୍ଧାଙ୍ଗନାଏ ।-
"ଓଡା ଏ ଯେ କି ତୁଳ ଜଳଦ," ସେପି ହେ ଯାଅ ଉର୍ଦ୍ଧ୍ୱେ,
ଦିଗ୍ଗଜଙ୍କ ଦିଙ୍ଘପଥରୁ କର-ସ୍ଥୂଳତା ଶବ ବାଟେ । ୧୪ ।
ରତ୍ନଚ୍ଛାୟାକ-ମିଳନ ପରିରେ ଗାତ୍ରର ଦୃଶ୍ୟ ହୋଏ,
ବଲ୍ମୀକାଗ୍ରୁଂ ଜନମଇଛି ଏ ଇନ୍ଦ୍ର କୋଦଣ୍ଡ ଖଣ୍ଡ ।
ଯାହାଦ୍ୱାରା ଲଭିବ ଅଧିକେ ତୁମ୍ଭ ଶ୍ୟାମାଙ୍ଗ, ଶୋଭା,
ଯେହ୍ନେ ଶୋଭେ ହରି-ତନୁ ସଦା ବର୍ହିପୁଚ୍ଛେ, ସୁଗୋପେ । ୧୫
ତୁମ୍ଭେ ବର୍ଷିଲେ କୃଷି ଫଳନ୍ତିଏ ବୋଲି ଯେ ପଲ୍ଲୀବାମା,
ଭ୍ରୂକ୍ଷେପେ ଅପଟୁ ନୟନେ ଦେଖିବେ ପ୍ରେମଗାଢ଼େ ।
ତହୁଁ ଲେ ହେ କରଷିତ ବଶୁଂ ବାସିବା ମାଲ ଭୂମୀ,
ଗାତ୍ରସ୍ପର୍ଶକେ ପୁଣି ଚଳ ପରେ ଉତ୍ତରେ ଧୀର ଧୀର । ୧୬
ଆସ୍ରପାତେ ପ୍ରଶମ କରିବା ହେତୁ ଦାବାଗ୍ନି ତୁମ୍ଭେ,
ମୁଣ୍ଡେ ବୋହି ଶ୍ରମହରିବ ସେ ଆମ୍ରକୂଟାଦ୍ରି ସର୍ବ ।
ମିତ୍ର ପ୍ରାପ୍ତ ନିକଟର ସମୁଖ କ୍ଷୁଦ୍ର, ଅଦେବାଂ ପଦାଳୁଂ
ଅଶ୍ରା ପାଇଁ, ପୂର୍ଣ୍ଣିବ କହିବା ଉଚ୍ଚ ଏ ଶୈଳ ପୃଷ୍ଠ । ୧୭ ।
ତାହା ପାର୍ଶ୍ୱେ ପୂରିଗଲ ଥିବେ ପାଚିଲା ଆମ୍ରବୃନ୍ଦେ,
ଶୃଙ୍ଗେ ତୁମ୍ଭେ ପୁଣି ବସିଗଲେ ଚିକ୍କଣ ଶ୍ୟାମ କାନ୍ତି ।
ସଙ୍ଗେ ବାଳାଧର, "ମଣ୍ଡଳା ଶେଷ ସବର୍ଣ୍ଣାଙ୍ଗ ପାଣ୍ଡୁ-
ଭୂମୀ ବାମା ଉଭଜ ପରିକେ," ଦେଖିବେ ଦେବତାଏ । ୧୮
ସେଥେ ମୁହୂର୍ତ୍ତଂ ଶବର ବନିତାଭୋଗ୍ୟ କୁଞ୍ଜେ, ମୁହୂର୍ତ୍ତେ
ଆଉ ବର୍ଷିଣ୍ଡ ଚଳଣ ସଲିଳେ ବର୍ଷି ହୋଇଁ ଅଗ୍ରସର ।
ଚାରୁରେଖା ଗଜ ଅପଘନେ ଦେଖିବେ ଭୂତିରେଖା
ସ୍ଥାନେ, ରେବା, ଅସମ, ପଥରେ, ବିନ୍ଧ୍ୟପାଦେ ବିକୀର୍ଣ୍ଣା । ୧୯

ତିକ୍ତାରଣ୍ୟ ହସ୍ତି-ମଦ ସଉରେ, ବାସିତା ବାର୍, ବାନ୍ତି
ଜମ୍ବୁ କୁଞ୍ଜେ ତହିଁର ଜଳତା, ଭକ୍ଷି ଉଦ୍ଧାର ଯତ୍ନେ ।
ଯା, ହେ, ଗର୍ଭେ, ଜଳକୁ; ତହିଁଲେ; ନେବ; ନା, ହେତ ବାୟୁ,
ଶୂନ୍ୟେ ସର୍ବେ ଲଘୁ ପୂର୍ଣ୍ଣ ଗୁରୁ, ଖ୍ୟାତ ପୂର୍ଣ୍ଣେ ହୁଅନ୍ତି । ୨୦ ।

ପୀତ ଶ୍ୟାବ କିବ ଅର୍ଦ୍ଧରୂଢ଼ା କେଶରେ ନୀପ ଦେଖି,
ଭୃଙ୍ଗ, ତାର ପ୍ରଥମ କଳିକା କନ୍ଦଳୀ ପ୍ରତି ରୂପେ ।
ଘ୍ରାଣି ପ୍ରାଣେ ସୁରଭି ବସୁଧା-ଗନ୍ଧ ଶାରଙ୍ଗ ମାନେ,
ତୋୟତ୍ୟାଗେ ସଜଳ ବହି ହେ ସୂଚିବେ ତୁମ୍ଭ ମାର୍ଗ । ୨୧ ।

ଶୂନ୍ୟଙ୍ଗ ଶୀଘ୍ରେ ଉଡ୍ଡ ଧରୁଥିବା ଚାତକେ ବାରିବିନ୍ଦୁ,
ଦେଖି ତଦ୍ଗ୍ରେ ପୁଣି ଗଣୁଥିବେ ଶ୍ରୋଣି ପଂକ୍ତିଙ୍କୁ ସିଦ୍ଧେ ।
ତୁମ୍ଭ ଗର୍ଜ୍ଜେ ପ୍ରିୟ ସହଚରୀ ଉତ୍ସୁକେ ବାହୁଯୋଗେ,
ଆଲିଙ୍ଗନ୍ତେ ବଡ଼ ଭୟ ମନେ ତୁମ୍ଭରେ ମାନିବେ ସେ । ୨୨ ।

ମୋହୋତ୍କାନ୍ତା କକୁଭ ଯତାଣଙ୍କୁ ଶୀଘ୍ରେ ଯିବ୍‌ଲେଷେଁ,
ଶୈଳେ, ଶୈଳେ, ସୁରଭି କୁଟଜେ ସମ୍ଭବେ ତୁମ୍ଭ ବିଘ୍ନ ।
କେକା ଧ୍ୱାନ ସଜଳ ନୟନେ ସ୍ୱାଗତ ପ୍ରଶ୍ନ କାରି,
ଦେବା ପୂଜା ତହିଁ ବରହିର କେଳିରେ-ଯାଅ ଶୀଘ୍ର । ୨୩ ।

ହେଲେ, ତୁମ୍ଭେ ଉପଗତ କରି ଦାରଶ୍ରମ ସୀମେ,
ବୃତ୍ତାକାରେ ଅଗଦ୍ରୁକଳିତା କେତକୀ ପାଣ୍ଡୁ ବର୍ଣ୍ଣା ।
ଗ୍ରାମ୍ୟ ପ୍ରାନ୍ତ ଦ୍ରୁମ ଲୁପ୍ତ ଯିବେ କାକ ବାସେ ବସାଏ,
ହଂସେ କେତେ ଦିବସ ରହିବେ ପାଚିଲେ ଜମ୍ବୁବୃକ୍ଷେ । ୨୪ ।

ଯାଇ ଶୀଘ୍ରେ ପ୍ରବଳ ବିଦିଶା ନାମ, ତା ରାଜଧାନୀ,
ତାହି ଶୀଘ୍ର ଉଦ୍ବଳ ଫଳ ପ୍ରାପ୍ତ ହେ ହେବ, ତୁମ୍ଭେ ।
ଗମ୍ଭୀରେ ହେ, ତଟ ନିକଟରେ ଟଳି ମାଧୁର୍ଯ୍ୟ ହବେ,
ସତ୍ର ଭଙ୍ଗାଧର ଧରି ଭଙ୍ଗି ବେତ୍ର ବତ୍ସର୍ମ୍ମିତାଯ । ୨୫ ।

ନୀଚୈ ନାମା ଗିରି ବିଶ୍ରାମ ଲୋଭେ ମାଧେ "ସମୀପେ-
ଲା, ସମ୍ପର୍କେ ପୁଲକିତ ପରି, ତୁମ୍ଭ, ବିଶ୍ରାମ ସେଥି ।
ବେଶ୍ୟାନାରୀ ରତି ପରିମଳେ କନ୍ଦରା ଯା ପ୍ରକାଶେ,
ସେହି ସ୍ଥାନାଶ୍ରିତ ନାଗରୀ ଯୌବନୋଲ୍ଲାସ ତାଙ୍କୁ । ୨୬ ।

ବିଶ୍ରାମାନ୍ତେ ଅଟିବ ଉଠିଣ— ଗାଙ୍ଗ ଗ୍ରାମ ବୀଥି,
ଯୂଥୀ କାନନେ ନବ ଜଳକଣେ ସିଞ୍ଚି ବଢ଼ାଇ ଯାଅ ।
ଗଣ୍ଡୁଁ ପୋଛୁଁ ଘରମ ସଲିଲ, ମ୍ଳାନ କର୍ଣ୍ଣୋତ୍ପଳେ ଯା,
ଛାୟା ଦେଇ କ୍ଷଣେ ପରିଚିତ ହୁଅ ସେ ପୁଷ୍ପ ଲାବୀଙ୍କ ସଙ୍ଗେ । ୧୭
ବକ୍ରା ପନ୍ଥା ହେଉ ତୁମର ହେ ଉତ୍ତରେ ଯେ ଯିବାକୁ,
ହେଲେ ସୌଧୋପର ପରିଚୟେ, ସେ ଦଶାକାର ହେବ ।
ବିଦ୍ୟୁଦ୍ଦାମା ସ୍ଫୁରଣ ଚକିତା ଯାଙ୍କ ନେତ୍ରେ ଲୋଳା,
ରହିଁ ଦେଖ ନା ଯଦି ହବ ସଖେ ବ୍ୟର୍ଥଜନ୍ମା ତୁମ୍ଭେ । ୧୮
ନାଦେ ଯାହା ଲହରି ଚଳନେ କିଙ୍କିଣୀ ହଂସମାଳା,
ଦେଖାଏ ଯେ ସ୍ଖଳନ ଚତୁରେ ଗୂଢ଼ ଆବର୍ତ୍ତ ନାଭି ।
ନିର୍ବିନ୍ଧ୍ୟାରେ ମିଳ ହୁଅ ରସେ ପୂର୍ଣ୍ଣ ଅମ୍ବୁ ପଥେ ସେ,
କାନ୍ତେ ଆଦ୍ୟ ପ୍ରଣୟର କଥା ତୁଲ୍ୟ ହାବ ବିଳାସ । ୧୯

ବେଣୀରୂପ ଅଳପ ଜଳ ଯା ମଧ୍ୟଦେଶେ ସ୍ରବେ, ହେ,
ପାଣ୍ଡୁଚ୍ଛାୟା, ତଟ ବିଟପିରୁ ଭ୍ରଷ୍ଟପତ୍ରେ, ନଦୀ, ଯେ ।
ଜଣାଏ ଏ ସେ ବିରହ ଗତରେ ପ୍ରୋଷିତ ସ୍ୱାମି ତୁମି,
ସୌଭାଗ୍ୟ, ପ୍ରାବୃଟ୍ ସଲିଳରେ ଖଣ୍ଡିତା କ୍ଷୀଣ ତାକୁ । ୨୦

ଯେଉଁଠାକର ଉଦୟନ କଥା ଜାଣିବା ବୃଦ୍ଧ ଥାନ୍ତି,
ଦେଖା କର୍ତ୍ତା ନିଜତଳ ଲୁହା ଶ୍ରୀବିଶାଳା ବିଶାଳା ।
ପୁଣ୍ୟକ୍ଷୀଣେ ସୁରପୁର ପୂରୁଁ ଭ୍ରଷ୍ଟ ଅମର୍ତ୍ତ୍ୟ ସ୍ଥାନ,
ଖଣ୍ଡେ ସେଥୁଁ କ୍ଷିତିକୁ ହରିଲେ ଶେଷପୁଣ୍ୟାର୍ଥ ତାକୁ । ୨୧

ହଂସଶ୍ରେଣୀ ମଦ କଳରବେ ଘର୍ଘରା, ହେ, ପବନେ;
ପ୍ରାତଃକାଳେ ବିକଚ ଜଳଜା ମୋଦ ସଙ୍ଗୁ ସୁଗନ୍ଧୀ । ୨୨
ସ୍ୱାମି ପ୍ରାଏ, ହରଇଟି ଛନ୍ଦେ ପ୍ରାର୍ଥନା ଚାଟୁକାରୀ,
"ନାରୀବାଧା, ସୁରତଜ" ଯୁକ୍ତ ଅଙ୍ଗ, ଶିପ୍ରାସମୀର । ୨୩

ହେଉଁ ତୁମ୍ଭେ ସୁପୃଥୁଳ; ଜାଳାବେଶ ସଂସ୍କାର ଧୂପେ,
ବନ୍ଧୁପ୍ରେମେ ପୁର ଭବନରେ ପାଇ ନୃତ୍ୟୋପ-ହାର ।
"ପୁଷ୍ପେ କାସେ" ଲଳିତ ବନିତା ପାଦରାଗାଙ୍କ ହର୍ମ୍ମ୍ୟ,
ଦେଖି ଶୋଭା, ଉଭରଣ କରୁଁ ନାଶନ୍ତେ ଅଧ୍ୱ ଖେଦ । ୨୪

ଭର୍ତ୍ତା କଣ୍ଠଚ୍ଛବି, ମଣି, ଗଣେ ସାଦରେ ଦେଖୁଥିବେ,
ଚଣ୍ଡୀ କାନ୍ତ ତ୍ରିଭୁବନ ପିତା ପୁଣ୍ୟଧାମେ ପ୍ରବେଶ ।
ଅଳ୍ପେ କର୍ମେ ଉପଗତ ଯହିଁ ଗନ୍ଧବତୀ ପଗାର,
ସ୍ନାନେ ବାଳା କୁବଳୟ ରଜେ, ଚାଳନାଚନ୍ଦ୍ର ବାତେ । ୩୪ ।

ସନ୍ଧ୍ୟା ଆଗୁଁ ଜଳଧର ମହାକାଳ ଧାମେ ପ୍ରବେଶି,
ରହିବେ ତେବେ ରହିବ ତହିଁ ଜାଣ ସୂର୍ଯ୍ୟାସ୍ତ ଯାଏ ।
ବନ୍ଧ୍ୟା ସନ୍ଧ୍ୟା ବଳି ପଟହତା ଶମ୍ଭୁ ଅଗ୍ରେ କରନ୍ତେ,
ତୁମ୍ଭ ଶ୍ରୀମନ୍ତ ସଫଳ କରନ୍ତୁ ଅଳ୍ପ ଗମ୍ଭୀର ନାଦ । ୩୫ ।

ପାଦନ୍ୟାସେ ଧ୍ୱନିଇ ରସନା ଯେଥି ଲୀଳାବଧୂତ,
ରତ୍ନଚ୍ଛାୟା ଖଚିତ ବଳୟେ; ଶ୍ରମରେ କ୍ଳାନ୍ତ ହସ୍ତା ।
ବେଶ୍ୟା ପାଇବେ ସୁଖ; ନଖ ପଦେ ତୁମ୍ଭ ବର୍ଷାଗ୍ରବିନ୍ଦୁ,
ଦେବେ ତୁମ୍ଭ ପ୍ରତି ମଧୁକର ଶ୍ରେଣି ଲମ୍ବା କଟାକ୍ଷ । ୩୬ ।

ପଶ୍ଚେ ସନ୍ଧ୍ୟାରବ ନବଜବା ପୁଷ୍ପ ରକ୍ତାଙ୍ଗ ତୁମ୍ଭେ,
ଶୂଳୀ ନୃତ୍ୟେ ଭୁଜ ତରୁବନେ ମଣ୍ଡଳାକାର ଲାଗି ।
ଛିନ୍ନା ଶୂନ୍ୟେ ଅଚଳ ନୟନେ ପାର୍ବତୀ ତୁମ୍ଭ ଭକ୍ତି,
ଦେଖୁଁ ନୃତ୍ୟେ ହର, ହର ମନୁଁ ଆର୍ଦ୍ର ନାଗାଜିନେଚ୍ଛା । ୩୭ ।

ନାରୀକାଳେ ନୃପତି ତମସେ ରୁଦ୍ଧ, ରାଜମାର୍ଗେ,
ଅଭୀଷ୍ଟା ରମଣ ସଦନେ ଗାମିନୀ କାମିନୀଙ୍କୁ ।
ଚନ୍ଦ୍ରା ଦେଖାଇବ କଷଟିରେ ସ୍ୱର୍ଣ୍ଣରେଖାଭ ବିଦ୍ୟୁତେ
ଧ୍ୱାସ୍ତ ଏକା ଜଳଦ ବରଷା ଗର୍ଜ୍ଜି ସେ ଭୀରୁ ସର୍ବେ । ୩୮ ।

ହେଉଁ ତୁମ୍ଭେ ତର ଜଳସନେ ଛିନ୍ନ ବିଦ୍ୟୁତ୍ କଳାପ,
ଯାଉ ନଦ୍ରାଗତ ବକ୍ଷଭରେ କୌଣ ସେ ରାତ୍ରି କାହିଁ ।
ସୂର୍ଯ୍ୟାଲୋକେ ଚଳ ଜଳଦହେ ଶେଷପନ୍ଥା ପୁରନ୍ତ,
ଅଭ୍ୟସ୍ତ ହେଲା ନ କରଇ ଧୀରେ ବନ୍ଧୁ କାର୍ଯ୍ୟାଙ୍ଗୀକାରୀ । ୩୯ ।

ସେ କାଳେ ଯେ ପ୍ରିୟପ୍ରଣୟୀ ହରେ ଖଣ୍ଡିତା ନେତ୍ର ବାରି,
ତେଣୁ ତୁମ୍ଭେ ଦିନକର-ପଥ ମାର୍ଗକୁ ଶୀଘ୍ର ତେଜ ।
ପ୍ରାଲେୟାଶ୍ରୁ ପ୍ରଣମ କରିବେ ପଦ୍ମିନୀ ପୁଷ୍ପବକ୍ତ୍ରୁ,
ଅସନ୍ତୋଷେ କର ନାରୁଥିଲେ ହୋଇବେ ଦୀର୍ଘକୋପୀ । ୪୦ ।

ଗମ୍ଭୀରାଖ୍ୟା ସରିତ ଜଳରେ ସ୍ୱଚ୍ଛ, ଯେ ଚିତ୍ତତୁଲ୍ୟ;
ଛାୟାତ୍ମାରେ ମିଳିବ ପ୍ରବେଶ ରମ୍ୟ ତୁମ୍ଭେ ସ୍ୱଭାବେ ।
ତୁଚ୍ଛେ ସେଥୁଁ ଚଞ୍ଚଳ ଶଫରୀ ଦୃଷ୍ଟିବା ଦେବ କାହିଁ,
ଶୁକ୍ଳାଭାରେ ଶର ଉଲଙ୍ଘିବା ମୀନ ଗୃହାଣି ତାର । ୪୧ ।

ଶ୍ରୋଣୀ ଠାରୁଁ ଖସି ପଡ଼ିଥିବା ବାସ, ତା—ନୀଳଶାଟୀ,
ନେଇଥିବ ଟେ; କର ଧୃତପ୍ରାୟ ନମ୍ର ବାନୀର ଶାଖା ।
ପ୍ରେମେ ତାହା ଧରଣିବ ସଖେ ବକ୍ଷରେ ଲମ୍ବିଥିବେ,
ଛାଡ଼ି କେବା ବିବୃତ ଜଘନା ଜାଣିବା ସ୍ୱାଦଲୋକ । ୪୨ ।

ବର୍ଷା ଦ୍ୱାରା ଫୁଲ୍ଲିତ ମହୀ ଗନ୍ଧରେ ବାସିତାରୁ,
ନାସାରନ୍ଧ୍ରେ-ଧ୍ୱନି କରି ଗଜେ ଘୁଣ୍ଡିଂବେ ଯାରୁ ମୋଦେ ।
ଯେ ବାୟୁ କାନ୍ତେ ବନ ସକଳରେ ପାଚ ବେ ଉମ୍ବିଷ୍ଟଏ,
ଥଣ୍ଡା ବାୟୁ ପ୍ରମତ୍ତିବ ସେ ତୁମ୍ଭ "ଦେବାଦ୍ରି" ଗାମି । ୪୩ ।

ସେ ଶୈଳେ ଯେ ଅନବରତରେ ଥାନ୍ତି ସ୍କନ୍ଦ କାର୍ତ୍ତିକେୟ,
ତୁମ୍ଭେ ତାଙ୍କୁ ସ୍ନପିତ କରିବ "ବ୍ୟୋମଗଙ୍ଗା ଜଳାର୍ଦ୍ର-
ପୁଷ୍ପାସାରେ" ସୁରପତି ତମ୍ଭ ରକ୍ଷଣେ ଅଗ୍ନି ଅଙ୍ଗେ,
ଶମ୍ଭୁ ସ୍ୱାମୀ ଅଧିକ ମହତୁଁ ସଞ୍ଚିଲେ ସେହି ତେଜ । ୪୪ ।

ଜ୍ୟୋତିଲେଖା କୁଳପୃ କହଣ ପୁଚ୍ଛ ଯା ଶମ୍ଭୁ ବାମା,
ପୁତ୍ର ପ୍ରେମେ କଳଙ୍କ ଦଳରେ ଦେଇ କର୍ଣ୍ଣେ ବହନ୍ତି ।
ସେ କେଶନାଶ-ହର ଶିଖି କର ନୀଳଭାପାଙ୍ଗ କେକା,
ପଛେ ଅଦ୍ରି ଗ୍ରହଣ ଗିରମା ପୂର୍ଣ୍ଣ ନାଦେ ନର୍ତ୍ତାଏଁ । ୪୫ ।

ଯାତ୍ରେ ପୂଜା କରି ହର ସୁତେ ଦେଖି ବୀଣା ବଚନା,
ସିଦ୍ଧ ଦ୍ୱନ୍ଦ୍ୱେ ଜଳ କଣ ଭୟେ ଛାଡ଼ିବେ ତୁମ୍ଭ ମାର୍ଗୁ ।
ମାନ୍ୟାର୍ଥେ ସେ ସୁରଭିର ଗଲେ ଅମ୍ବୁଁ ଲମ୍ବି ଯାଅ,
ରନ୍ତୀଶଙ୍କେ ଦ୍ୱାରଣତ ଶବା—ଲମ୍ବିଥିଁ ସମ୍ଭାବେ । ୪୬ ।

ମଧ୍ୟେ ଶୁନ୍ୟା ବଢ଼ ବଡ଼ ମଣି ସ୍ୱଚ୍ଛ ମୁକ୍ତାର ହାରେ;
କୌଠୀଶଙ୍କେ ଶୁଂଭୁଡ ସହିତେ ବନ୍ଧୁ ମେ ଯା ଜହାରେ ।
ଶସ୍ତ ଶ୍ୟାମା; ମରକତ ମଣି ଜ୍ୟୋତି; ଉତ୍କୃଷ୍ଟ ପ୍ରସାରେ;
ଦେଖିବୁଁ ତୋଏ ମତି, ଥିବ ଚିନା ସାଗରେ କାଠ ମାତ୍ର । ୪୭ ।

ପ୍ରବାସୀଙ୍କ ପ୍ରିୟତମର ସୂଚା, ଏସ୍ଥଳେ ବର୍ଷ ଜାଳ ;
ଦେଖିଲ , ଏଥେ ପ୍ରବାହିତ ଶୀଘ୍ର ସ୍ରଷ୍ଟି ତାଳ ଦ୍ରୁମାଳୀ ।
ଏଥେ ଦର୍ପେ ଜଳ ଗିରୁ ଦେଉ ସ୍ତମ୍ଭ ଉପାଡି ଯାଏଁ ,
ଏହାଭଙ୍କେ ବନ୍ତ ଦବୁଥିବେ ଯେଥି ଅଗଲୁ ଘଉ । ୪୮ ।

ଦନ୍ତ ଶାଖୁଁ ଦଳବର୍ତ-ହ୍ରସ୍ୱେ ଭୁଲ୍ଲ ଯାହିାଇ ବାହା,
ତୁମ୍ଭ ପ୍ରାଦେ ଗିରସମ ଗଜେ ମନ୍ତଳ ଶ୍ରାବ ବର୍ଷି ।
ଯୋଦ୍ଧା ଶ୍ରେଷ୍ଠେ ଦଶମୁଖ ମୁଖେ ଯୁଦ୍ଧରେ ସ୍ମାପ୍ତି ହେତୁ;
ଶୋଭେ ଦେହା ଭଞ୍ଜଣ କୁରଯା କନ୍ଦହାସ ତ୍ରଣାଙ୍କେ । ୪୯ ।

ତେବାପାଇଁ ସଲଲକୁ ଖବୁଁ ଉମଧ୍ୟ କୃଷ୍ଣାଭ ତୁମ୍ଭେ,
ହେଲେ ନୋ୍ରା ହରୁ ଦଶୁଥିବା ଦୂରରେ ତା ପ୍ରବାହେ ।
ମଧ୍ୟେ ନୀଳୋତ୍ପଳ ମଣିମଧ୍ୟ ଏକ ମୁକ୍ତାର ହାର;
ପ୍ରାନ୍ତେ ଅନ୍ୟ ଦ୍ୱଇଭ ଭାସ୍ୱନେ ଦେଖିବେ ଖେଚରୀତ । ୫୦ ।

ତାହା ହୋଇଁ ପରହନ୍ତ ଯନ୍ତୁଁ ଭ୍ରୂଲାସେ ସୁଅନ୍ତ;
ପକ୍ଷ୍ମୋତ୍କ୍ଷେପୁଁ ଉପର ଚଳାସେ କୃଷ୍ଣ ଶାର ପ୍ରଭ୍ର ସେ ।
କୁନ୍ଦ କ୍ଷେପେ ଅନୁଗତ ମଧୁ ଶ୍ରୀହରା ନେତ୍ର ତେଜ;
ଭାଜିବ ପାଂଶୁ ସ୍ୱତନୁ ତର, ଦଶପୁର ବଧୂଗାଙ୍ଗନାଙ୍କ । ୫୧ ।

ବ୍ରହ୍ମାବର୍ତ୍ତ ଦ୍ୱିଜ, ଯିବ ଛନ୍ଦ ବନ୍ତ ଅବଧି ଦେଶେ;
କ୍ଷତ୍ରୀଧ୍ୱଂସ ସୂଚକ କରବା କୌରବ କ୍ଷେତ୍ର, ଶସ୍ତ୍ରାଭ୍ର ।
ରାଜାମାନଙ୍କର ବଦନରେ ଯେଥି ଗାଣ୍ଡୀବ ଧନ୍ୱା
ପଦ୍ମେ ତୁମ୍ଭେ ଶର ବରଷିଲେ ଘନ ବାଣାଘ ଧାରା । ୫୨ ।

ବନ୍ଧୁ ସ୍ନେହେ ହଲଧି ସମରୁଁ ବାଞ୍ଛିତ ସ୍ୱାଦୁ ମଦ୍ୟା;
ହାଲା ତେଜୁଁ ହଳଧର ମୁଖେ ରେବତୀ ଲୋଚନାଙ୍କା ।
ଯାହା ସେବେ ନିର୍ମଳ ଅନ୍ତ ସେ ସେହି ସାରସ୍ୱତାମ୍ବୁ,
୩ କୃଷ୍ଣାତ୍ମା ହେବ ବର୍ଣଦରେ କେବଳ ମାତ୍ରେହିଁ କୃଷ୍ଣ । ୫୩ ।

ସେଥୁଁ ; ଯା ହେ କନଖଳ ତଳେ ଶମ୍ଭୁବା ଜାହ୍ନବୀଙ୍କୁ,
ଶୈଳେନ୍ଦ୍ରାକ୍ତ ସଗର ତନୟ ସ୍ୱର୍ଗ ଯାବନ୍ତ ରୂପା ।
ଗୌରୀ ବକ୍ତ୍ର ଭ୍ରୁକୁଟି ରଚନେ ଯେ ହସି ଶ୍ୱାସ୍ଥ ଫେନେ,

ବ୍ୟୋମେ ତୁମ୍ଭେ ସୁରଗଜସମେ ଲମ୍ବି ପଶ୍ଚାର୍ଦ୍ଧ ଅଙ୍ଗେ,
ତର୍କେ ସ୍ୱଚ୍ଛୋଦକ ଯଦି ତହିଁ ପୀଇବା ଇଚ୍ଛା ହେବ ।
ତତ୍କାଳେ ସେ ସରିତ ସଲିଳେ ବମ୍ବିବା ତୁମ୍ଭ ବମ୍ବେ;
ଅସ୍ଥାନେ ଯେ ଲଭିବ ଯମୁନା ଯୋଗ ଶୋଭା ସିତାଙ୍ଗୀ । ୫୫

ଯା ପାଷାଣେ ପ୍ରତିଦିନ ମୃଗେ ଶୋଇବା ହେତୁ ଜାତୀ;
ବାସେ, ସ୍ଥଗି, ପ୍ରଭବର ଯହିଁ ଏନଙ୍କ, ଯେ ତୁଷାରେ ।
ଗୌର, କ୍ଷୋଣୀଧର, ଶିଖର ତା ଆଶ୍ରିଲେ ମାର୍ଗଖେଦ;
ନାଶେ, ଶୋଭା ବହ ହର ବୃଷେ ଶୃଙ୍ଗ ଜମ୍ବାଳ ତୁଲ୍ୟ । ୫୬ ।

ବାୟୁ ସ୍ରୋତେ ଚଳସୁରତରୁ ସ୍କନ୍ଧରେ ସ୍କନ୍ଧ ଘର୍ଷି,
ହେଉଁ, ଦୂପାଡ଼େ ଜନମି ଚମର କେଶ ଯେଉଁ ଦବାଗ୍ନି ।
ଉଲ୍କାଦ୍ୱାରା ଗିରକୁ ଯଦି ସେ ଦାହୁଥାଏ; ନିବାର,
ନୀରାସାରେ ଦବ ହେ ସୁଜନେ ଦୁଃଖି ଦୁଃଖାପହାରୀ । ୫୭

ସେ ଶୈଳେ ଯେ ଶରଭ ତୁରନ୍ତେ ଦେଖି ତୁମ୍ଭକୁ କୋପେ,
ଉର୍ଦ୍ଧ୍ୱେ ଡେଇଁ ଲଙ୍ଘନ ପଡ଼ିବେ ଅଙ୍ଗ ଭଙ୍ଗେ ମଧ୍ୟରେ ।
ଦୂରେ ଥାଉନ୍ତୁ, କର କର ମୁଠା ପିଙ୍ଗି ତାହାଙ୍କୁ ତୁମ୍ଭେ,
ଛନ୍ଦେ ଭନ୍ଦେ ଭଣ, ପରଭବା କେଉଁକେ ବ୍ୟର୍ଥ ଯତ୍ନେ । ୫୮ ।

ସନ୍ଧେ ପୂଜ୍ୟ ପ୍ରଭୁ ଶିବ ପଦ ନ୍ୟାସ ପାଷାଣ ଦେଶେ,
ସେଥି ତାର ଭକ୍ତିଯୁକ ଚରଣ ସ୍ପର୍ଶେ ଭକ୍ତନମ୍ରେ ।
ଶ୍ରଦ୍ଧାବନ୍ତେ ଦରଶନ କରୁଁ ହୋଇ ନିଷ୍ପାପ, ଅନ୍ତେ
ଅନ୍ତେ ନିତ୍ୟ ପ୍ରମଥ ପଦବୀ ପାଇବା ଯୋଗ୍ୟଦନ୍ତ । ୫୯ ।

ବାତେ ପୂର୍ଣ୍ଣ ଧ୍ୱାନ କରୁଥିବେ ବେଣୁ ବୃନ୍ଦେ ସୁରମେବ,
ଜଙ୍ଗେ କାନ୍ତେ ତ୍ରିପୁର ଜୟ ହେ ରଙ୍ଗରେ କିନ୍ନରୀଏ ।
ଯେବେ ତୁମ୍ଭେ ଗରଜ ମୁରଜ ପ୍ରାପ୍ତ ସେ କନ୍ଦରରେ,
ସଙ୍ଗୀତାର୍ଥ ପ୍ରସରିବ ସବୁ ଦେବାନ- କେଶଙ୍କ ସେଥି । ୬୦

ସେ ପ୍ରାଲେୟାଚଳର ତଟରେ ତେଜି ସେସେ ବିଶେଷ
ଦୃଶ୍ୟଦବ, ପ୍ରବଳ ଭୃଗୁପତି ଗାଢ଼ କୀର୍ତ୍ତିସ୍ୱରୂପ ।
ହଂସ ଶ୍ରେଣୀ ଗମନର ପଥ କ୍ରୌଞ୍ଚ ରନ୍ଧ୍ରେ ଉଦୀଚୀ,
ବକ୍ରେ ଲମ୍ବେ ବଳି ନୃପକର୍ଷୀ ଶ୍ୟାମ ପାଦୋପମାରେ ॥ ୬୧

ଉତ୍କ୍ଷେପାନ୍ତେ ଦଶମୁଖ ଭୁଜେ ଭଗ୍ନ ଯା ଶୃଙ୍ଗ ସନ୍ଧି,
ସେ କୈଳାସେ ଅତିଥି ହୁଅ,ଯେ ଦର୍ପଣ ସ୍ୱର୍ବାଙ୍କ ।
ଯେବା ବ୍ୟାପି ପ୍ରକାଶଇ ନଭେ ସ୍ୱଚ୍ଛ ଶୃଙ୍ଗୋଚ୍ଚଭାରେ:
ସ୍ତୂପାକାରେ ପଢିତ ପରେଁ ଶମ୍ଭୁ ଶୁଭ୍ରାଟ୍ଟ ହାସ । ୬୨ ।

ଛନ୍ନ ଛାଲୀୟ ଦ୍ୱିରଦଦଶନ ଚ୍ଛେଦ ଦନ୍ତ ଗଣ୍ଡୁ ପ୍ରଭ ଯା;
ସେ କୈଳାସାଚଳତଟ ଲଗ୍ନେ ସାନ୍ଦ୍ର କୃଷ୍ଣାଭ ତୁମ୍ଭେ ।
ସ୍କନ୍ଧେ ନୀଳାମ୍ବର ଧରିଥିବା ରେବତୀ କାନ୍ତ ଶୋଭା;
ପ୍ରାଏ, ଲୋକେ ଅଚଳ ନୟନେ ଦେଖିବେ ତାକୁଁ ଥାଇଁ । ୬୩ ।

ତେଜି ପ୍ରେମେ ଅହି ବଳୟ; ଯା-ହସ୍ତରେ ଶମ୍ଭୁ ହସ୍ତ:
କ୍ରୀଡ଼ା ଶୈଳେ ଯଦି ଗିରିସୁତା ପାଦରେ ସଞ୍ଚରନ୍ତୁ ।
ଆଗେ ତୁମ୍ଭେ ଘନଜଳ ହୁଦେ ଅଙ୍ଗଭଙ୍ଗ ପ୍ରସାର;
ଆରୋହାର୍ଥେ ମଣିତଟ ପଦେ ସାଜ ସୋପାନ,ତାଙ୍କ । ୬୪ ।

ସେଥେ ନିଶ୍ଚେଁ ହବୁଯେ ବନ୍ଦିତା କଙ୍କଣାଗ୍ର ପ୍ରହାର;
ବାରି ସ୍ରାବେ ତୁମ୍ଭକୁ କରିବେ ଯନ୍ତ୍ରଧାରା ନିକେତ ।
କ୍ରୀଡ଼ା ଲୋଲା ଲବ୍ଧ ଘରମରେ ସୁରବନିତା ଯେବେ;
ତେବେ ତୁମ୍ଭେ ତରଜିବ ସଖେ ଘୋରରେ ଗର୍ଜ୍ଜିତାଙ୍କୁ । ୬୫ ।

ଜନ୍ମେ ସ୍ୱର୍ଣ୍ଣାମ୍ବୁଜ ସଲିଳରେ ପିଇ ସେ ମାନସାମ୍ବୁ;
ପୀଉଁ "ଐରାବତ ମୁଖପଟ ପ୍ରୀତି ଯେ, କାମରୂପୁଁ ।
"କଳ୍ପଦ୍ରୁମ କିଶଳୟାମ୍ଳ ବସ୍ତ୍ର ସ୍ୱର୍ଭିତେ;
କମ୍ପାନ୍ତେ" ଏ; ହୁଅ ବହୁବିଧା କେଳରେ ଶୈଳ ଶ୍ରେଣୀ । ୬୬ ।

କାନ୍ତ କ୍ରୋଡେ ଯୁବତି ପରିରେ ସ୍ରସ୍ତ ଗଙ୍ଗା ଦୁକୂଳା;
କୈଳାସାଙ୍କେ ମଣିବ ଅଳକା ଦେଖି ହେ କାମଚର ।
ଅମ୍ବୂର୍ଦ୍ଧ୍ୱାଭ୍ର-ନିଚୟ ବର୍ଷେ ଯେହୁ ଉତ୍ତୁଙ୍ଗ ସୌଧେ;
ମୁକ୍ତା ଗୁମ୍ଫା ଅଳକ ବହିବା ପ୍ରାୟ ବାଳା ସୁକେଶୀ । ୬୭ ।

ପୂର୍ବମେଘ

ସମାପ୍ତ

ଉତ୍ତର ମେଘ ।

ସେଥେ ଯେବେ ଲଳିତ ବନିତା ଭୂମିରେ ଚଞ୍ଚଳାକ୍ଷି,
ଚିତ୍ରେ ବାଦ୍ୟ ଥିବାର ତୁମେ ଇନ୍ଦ୍ର ଚାପାନ୍ୱଘୋଷ ।
ତୁମ୍ଭେ ଅନ୍ତ୍ର ସଲିଳ ବହୁସେ ନୀଳ ପାଷାଣ ଭୂମି,
ଉଚ୍ଚାସୌଧେ ତବ ସମର୍ଥନ୍ତି ତୁଙ୍ଗ ଅଙ୍ଗେ ହୁଅନ୍ତ । ୧ ।

ହସ୍ତେ ଲୀଳା ସରସିଜ ଯହିଁ "କୁନ୍ତଳେ ବାଳ କୁନ୍ଦ-
ଗୁମ୍ଫା" ଲୋଧ୍ର ପ୍ରସବରଜରେ ପାଣ୍ଡୁସାଧ୍ୱ ମୁଖଶ୍ରୀ ।
ଚୂଡ଼ା ପାଶେ ନବ କୁରୁବକେ, କର୍ଣ୍ଣ ଶୋଭା ଶିରୀଷେ,
ସୀମନ୍ତେ ଯେ ତୁମ ଉଦୟରେ ଜାତ, ନୀପେ ବଧୂଙ୍କ । ୨ ।

ନିତ୍ୟେ ବୃକ୍ଷେ ଝଙ୍କରିତ ଯହିଁ ମତ୍ତଭୃଙ୍ଗାଳି ନାଦେ,
ଶୋଭେ ପଦ୍ମେ ଜଳଜ ଲତିକା କିଙ୍କିଣୀ ହଂସମାଳା ।
କେକା ଭାଷୀ ଭବନର ଶିଖୀ ନୃତ୍ୟ ନାଦେ କଲାପ,
ସର୍ବଦା, ଅନ୍ଧାରକୁ ଅପହସ୍ତ ଜେଜରେ ଯେଥି ସ୍ୱଚ୍ଛେ । ୩ ।

ଯେଉଁ ସ୍ଥାନେ କଦମ୍ବ ସଲିଳେ କନ୍ଦିବା ପ୍ରେମ ଭଙ୍ଗେ,
କାନ୍ତେ କାନ୍ତା ମିଳନ୍ତି ବଶରେ; ତ୍ରାସ କନ୍ଦର୍ପ ତାପୁଂ-
ତାପ, ପ୍ରେମେ କଳହରୁ ବିନା ଆନ ବିଚ୍ଛେଦ ହେବା,
କେବେ ଯକ୍ଷେ ଯଉବନ ବିନା ଅନ୍ୟ ଜାଣନ୍ତି ନାହିଁ । ୪ ।

ରଙ୍ଗେ ସଙ୍ଗେ ଧର ସୁପ୍ରବଣ୍ଟ ଯେଉଁରେ ଯକ୍ଷ, ଯାଇ
ତାରା ଜ୍ୟୋତିଃ କୁସୁମ ବିମଳ ଝାଟିକୀ ସୌଧ ଭୂମି ।
କଳ୍ପଗ୍ମୀର ଧ୍ୱଜ, ପଦ ବଣ୍ଟା, ବାଦ୍ୟ ଧୀରେ ବଜାଇ
ପାନ ପ୍ରେମେ ରତିଫଳସୁରା କଳ୍ପ ବୃକ୍ଷୁଂ କରନ୍ତି । ୫ ।

ଯେଉଁ ଗଙ୍ଗା ବିମଳ ସଲିଳେ ଶୀତ ବାତ ପ୍ରବାହ
ସୁଦ୍ଧାରା ହୋଇ ପରମ ଶେ ତୀର ମନ୍ଦାର ମୂଳେ ।
ଦେବା ଭଞ୍ଜା ମଣିଧର ସୁନା ବାଲିରେ ପୋତ ଶୋକ
ଲୀଳା ବୀଡା ରତମତ ଯହିଁ ଯକ୍ଷକନ୍ୟା କରନ୍ତି । ୬ ।

ନୀବୀ ଫେଣ୍ଟୁଁ ଶିଥିଳ ବସନ ଫିଟିବା ପାଇଁ କାନ୍ତେ;
ସ୍ନେହେ ହିଁକି ଚଞ୍ଚଳକରରେ, ତୋଳି ଲଜ୍ଜା ଦସ୍ତ୍ରା ।
ଦୀର୍ଘଜ୍ୱାଳା ଥାଇ ଜଳୁଥିବା ରତ୍ନଦୀପେଟ ବାଞ୍ଛ;
ମୁଷ୍ଟାଭରୁଁ ବିଫଳିତ ହୁଏଁ ଫିଙ୍ଗିବା ଚୂର୍ଣ୍ଣମୁଷ୍ଟି । ୭ ।

ଯାନ୍ତେ ଯାହା ସତତ ଭଳସ୍ଥ ସୌଧ ଊର୍ଦ୍ଧ୍ୱ ପ୍ରଦେଶେ;
ବାୟୁଦ୍ୱାରା ନବ ଜଳକଣେ ଚିତ୍ର ଛବେ ଲିପ୍ତଙ୍କୁ ।
ଭୀତପ୍ରାୟେ ତ୍ୱରିତ କରିବା ଦୋଷରେ ଜର୍ଜ୍ଜରାଙ୍ଗ
ଧୂମାକାରେ ଭ୍ରମନ୍ତି ଘନେ ଜାଳକେ ନିର୍ଗମନ୍ତେ । ୮

ସୂତ୍ରେ ଗୁମ୍ଫା ଶିତମଣି ବର୍ଣ୍ଣ ଯେ ସ୍ଥରେ ମେଘ ମୁକ୍ତ-
ଚନ୍ଦ୍ରାଂଶୁରେ ସ୍ରବି ପଡୁଥିବା ବାରି ବିନ୍ଦୁ ସପାନ୍ଥେ ।
ଶ୍ରାନ୍ତେ କାନ୍ତେ କର ଶିଥିଳତା ଦେଇ ଆଲିଙ୍ଗନେ ସେ
କାମ କ୍ରୀଡ଼ା ଜନିତ ବନିତା ଅଙ୍ଗ ସନ୍ତାପ ନାଶେ । ୯ ।

ଝଟେଣ କ୍ଷୋରେ ଅପର ଜନ୍ମରେ ଯାନ୍ତି ଆବାସ ମଧ୍ୟ,
ଯାହା ସାହା! ପ୍ରଣିତ ଗଣିକା ନାକ ନାଗ୍ରୀ ଯକ୍ଷିଣୀରେ ।
ଉଚ୍ଚେ ଗାନ୍ତି ଧନପତି ଯଶଃ ସୁସ୍ୱରେ କିନ୍ନରାଏ,
ସଙ୍ଗେ; ବୈଭ୍ରାଜ ଉପବନେ କାମୁକେ ସଞ୍ଚରନ୍ତି । ୧୦ ।

ଯାନ୍ତେ ରମ୍ଭା ଅଳକରୁ ଯହିଁ ଭ୍ରଷ୍ଟ ମନ୍ଦାର ପୁଷ୍ପେ;
ପତ୍ରଚ୍ଛେଦେ ଶିର ମୁକୁତା; କର୍ଣ୍ଣର ସ୍ୱର୍ଣ୍ଣ ପଦ୍ମେ ।
ଶାନ୍ତେଶ୍ୱରୁ ସ୍ଖଳରୁ ଚଳନ୍ତା ଯାମିନୀ କାମିନୀଙ୍କ;
ପନ୍ଥା ଜାଣେ ପର୍ବତ ଉଦିତେ ଛିଣ୍ଡିବା ସୂତ୍ରହାରେ । ୧୧ ।

ଯାହିଁ ସାକ୍ଷାତ ଧନପତି ସଖା ଧୂର୍ଜ୍ଜଟୀ ଛତ୍ର ଜାଣି,
ମାତ୍ର, ଜାଣେ ନବହର ଭୟେ ଭ୍ରମ ମୌର୍ବୀ ସ୍ୱରୂପ ।
ହୋଏ ଏଥି ଚତୁର ବନିତା ଭ୍ରୂଭଙ୍ଗୀ ଦ୍ୱନ୍ଦ୍ୱମେ ସେ
କାମିଧୈର୍ଯ୍ୟେ ଅବ୍ୟର୍ଥ ମାତ୍ର ଭାର ଅରମ୍ଭ ସିଦ୍ଧି । ୧୨ ।

ନାନାବର୍ଣ୍ଣେ ବସନ, ମଦିରା ଯେ ନୟନ ବିଲାସ ଉପଦେଷ୍ଟା
ନେତ୍ରେ ଏବ ପଦପଙ୍କଜର ଯେ ଭୂଷଣ ଶ୍ରେଷ୍ଠ ଗୋଷ୍ଠୀ ।
କେଶେ ଭୂଷା କଷ୍ଟପ୍ଲୁଟ ମିଶା ପୁଷ୍ପକିଁ, ପାଦଲକ୍ଷା,
ଏକା କଳ୍ପେ ସକଳ, ଅବଳା, ମଣ୍ଡନେ; କଳ୍ପ ବୃକ୍ଷ । ୧୩ ।

ସେଥିଁ ଦୂରୁଁ ସୁରପତି ଧନୁସ୍ତୁଲ୍ୟ ଯେ ତୋରଣରେ
ଯାଏ ଦେଖା ଧନଦ ସଦନୁଁ ଉତ୍ତରେ ଅମ୍ଭ ସଦ୍ମ
ଯାରେ କାନ୍ତା ତନୟ ପରିରେ ପାଳିତା ଯାର ପାର୍ଶ୍ୱେ
ହସ୍ତପ୍ରାପ୍ୟ ସ୍ତବକ ନତସେ ବାଳ ମନ୍ଦାର ବୃକ୍ଷ । ୧୪

ଏଥେଁ ଥାଏ ମରକତ ଶିଳା ବଦ୍ଧ ସୋପାନ ବାପୀ
ସେଥେ ସ୍ୱର୍ଣ୍ଣାମ୍ବୁ କଷ୍ଟ କମଳେ ଯେନ ବୈଦୂର୍ଯ୍ୟ ନାଳ
ପାଇଁ ଥାଆନ୍ତି ମନ, ନକରିବେ ମାନସେ ଦେଖିଲେହେଁ
ଦୁଃଖାଭାବେ ତୁମ୍ଭକୁ ସର୍ବଦା ଯାନ୍ତଲ ସ୍ମରି ହଂସେ । ୧୫ ।

ତାହା ତୀରେ କନକ କଦଳୀ ବେଢ଼ରେ ବନ୍ଧୁ ଶୋଭେ
କ୍ରୀଡ଼ାଶୈଳ ପ୍ରକଟଇ ଯହିଁ ଶୃଙ୍ଗ ଯା ଇନ୍ଦ୍ରନୀଳେ
ପ୍ରାନ୍ତେ ବିଦ୍ୟୁଦ୍ ପ୍ରକଟିତ ହେବା ବେଳରେ ତୁମ୍ଭ ମୂର୍ତ୍ତି
ଦେଖି ତାକୁ ସ୍ମରୁଛ ବକ୍ଷରେ ପ୍ରୀତ ହେଉ ପ୍ରିୟୁସି । ୧୬

ବେଢ଼ାକାରେ କୁରୁବକ ତହିଁ ମାଧବୀ ମଣ୍ଡପାନ୍ତେ
ରକ୍ତାଶୋକ ଦ୍ରୁମ ଚଳଦଳେ ଶୋଭଇ, ଶ୍ରୀ ବକୁଳ
ଦାକ୍ଷିଣ୍ୟରେ ସହଚର ସଖୀ ବାମ ପଦ୍ମାତ ଏକ
ଯୋଗେ ଅନ୍ୟ ସ୍ୱମୁଖ ମଦିରା ଦୋହଦ ବାଞ୍ଛଇ ଯେ । ୧୭

ମଧ୍ୟେ ତାଙ୍କ ସ୍ଫଟିକର ପଟା ସ୍ୱର୍ଣ୍ଣରେ ବାସ ଯଷ୍ଟି
ତାହା ମୂଳେ ମରକତ ଶିଳା ବଦ୍ଧ ପୀଠପ୍ରକାଶେ
ମୋ କାନ୍ତାର ବଳୟ ରବରେ ରମ୍ୟ ତାଳେଟି ନାଚ
ସନ୍ଧ୍ୟା ହେଉଁ ନବସଇ ଯହିଁ ତୁମ୍ଭ କେକୀ ସୁବନ୍ଧୁ । ୧୮

ସାଧୋ ଏପେ ମନ ନଭୁଲିବା ଲକ୍ଷଣେ ବେନ ପାର୍ଶ୍ୱେ
ଦ୍ୱାରେ ଚିତ୍ରେ ଧୃତ ଲିଖିଥିବା ଶଙ୍ଖ ପଦ୍ମଙ୍କୁ ଦେଖି
ମୋ ଗୃହ ଦେ ପୁର ହତଶିରୀ ତନ୍ତ୍ର ହେ ବାରିବାହ
ସୂର୍ଯ୍ୟାସ୍ତେ ଯେ କମଳ ନବହେ କଣ୍ଠେ ସ୍ୱୀକୃତ ହୋଇ । ୧୯ ।

ତୁମ୍ଭେ ଶୀଘ୍ରେ ପୁରକୁ ପଶିବା ହେତୁ ତତ୍କାଳ ବାଳ
କ୍ରୀଡ଼ାକାରେ ପ୍ରଥମ କହିବା କେଳ ଶୈଳେ ବସନ୍ତେ
ଯେଦେଖା ତାଳ ବଳସନ ପଦ୍ମ ଚଞ୍ଚଳା ସ୍ଫୂର୍ତ୍ତି ଦୃଷ୍ଟି
ଖଦ୍ୟୋତ ଅଳ୍ପ ପ୍ରକଟକରି ସେ ସଦ୍ମମଧ୍ୟେ ପକାଅ । ୨୦ ।

କ୍ଷୀଣା ; ଶ୍ୟାମା ; ସରୁଦନ୍ତ ଉର୍ଦ୍ଧ ପ୍ରାନ୍ତ ; ଭୀତେଣ ନେତ୍ରୀ
ନଦେ ଓଷ୍ଠାଧରଦ୍ୱୟ ପକ୍ୱବିମ୍ବ ; ଗମ୍ଭୀର ନାଭି,
ଶ୍ରୋଣୀଭାରୁଁ ଚଳଇ ଅଳସେ ନେଇ ବକ୍ଷୋଜ ଯୁଗ୍ମ
ଅଳ୍ପେ ନମ୍ରା ଥିବ ଯୁବତୀରେ ଯେ ବିଧାତ୍ରାଦ୍ୟ ସୃଷ୍ଟି । ୧୧ ।

ଦୂରେ ଥାନ୍ତେ ସହଚର ମୁହିଁ ଚକ୍ରବାକୀ ପରାଏ
ଏକାକିଣୀ ସ୍ୱଳପବଚନା ମୋ ପରାଣ ଦ୍ୱିତୀୟା ।
ଗାଢ଼ୋତ୍କଣ୍ଠା ଶିଶିର ଦଳିତା ପଦ୍ମିନୀ ଅନ୍ୟରୂପା-
ପ୍ରାଏ ଯାନ୍ତେ ବହୁଳ ଦିନରୁଁ ବାନ୍ଧୁଏଁ କଷ୍ଟକାଳ । ୧୨ ।

ନିଶ୍ଚେ ହେବ ତା ଫୁଲିଥିବ ଦୃଗା ନେତ୍ରରେ ତୀବ୍ର ଶୋକେ
ଉଷ୍ଣଶ୍ୱାସେ ଶୁଖିଥିବ ସଖୀ ରମ୍ୟ ଓଷ୍ଠାଧର ହିଁ ।
ହସ୍ତେ ନ୍ୟସ୍ତେ ମୁଖ ରହିଥିବା କୁନ୍ତଳେ ଅଳ୍ପଦୃଶ୍ୟ
ହେଉଁ ଶୋଭା ବହିଥିବ ଭଦାଚ୍ଛନ୍ନ ହୀନେନ୍ଦୁ କଳ୍ପ । ୧୩ ।

ଆଗେ ନେତ୍ରେ ପଡ଼ିବ ତବ ସେ ମୋ ଘେନା ଲାଗି ଦେବେ
ଷ୍ଟ୍ରାସକ୍ତା ଥିବ ଚ ଦ୍ୱାରରେ କ୍ଷୀଣ ମୋ ରୂପ ଭାବ ।
ଲେଖେ କିମ୍ବା ମଧୁର ବଚନା ପିଞ୍ଜରସ୍ଥ ସାରୀ
ପାଶେ " ପୁଚ୍ଛେ ସ୍ମରୁଛ ପତିକ ପ୍ରୀତି ତାହାଙ୍କ ତୋଷେ । ୧୪ ।

କିମ୍ବା ସାଧ୍ୱୀ ମଳିନ ବସନା ଜାନୁରେ ଥୋଇବୀଣା
ମୋହୋ ନାମେ ରଚିତ କବିତା ଗାଇବା ଇଚ୍ଛୁ ହେଉଁ ।
ଅଶ୍ରୁ ଧାରା ମୁପଡ଼ି ମନରେ ତନ୍ତ୍ରୀ ଭଲୁମନ୍ଦ;
କଷ୍ଟେ ପୋଛୁଁ ଭୁଲ ଭୁଲିଥିବ ସ୍ୱୀୟ କୃତ ମୂର୍ଚ୍ଛନାକୁ । ୧୫
ଏବେ କେତେ ଦ୍ୱାର ଦିବସୁଁ ବାକି ସେ ମାସମାନ;
ଭୂମଧ୍ୟେ ବା ଗଣିଥିବ ଅବା ଦେହଳୀ ଦତ୍ତ ପୁଷ୍ପେ ।
ତତେ ଆସ୍ୱାଦନ କରୁଥିବ ପ୍ରେମ ଚିନ୍ତାଦି ମୋର;
ବାହୁଲେ ଏ ସବୁ ଘଟଇବେ ଦୂରକାନ୍ତା ବିନୋଦ । ୧୬ ।
ଯେବେ ବାଧେ ବିରହ ନିଶିରେ ନିର୍ବିନୋଦାଭି ଦୁଃଖ-
କାଳରେ ତା ପର ଦିବସେ ଭର୍ତ୍ତା ନା ବିନୋଦ ହୁଁ ।
ମୋ ସନ୍ଦେଶେ ପବନ ଶୁଦ୍ଧା ସେବକ ସ୍ୱୁଖାର୍ଥେ;
ଗୃହୀ ଅଙ୍କେ ବସି ଘର ଝଳା ପାଖରେ ଦେଖ ସାଧ୍ୱୀ । ୧୭ ।

ଚିନ୍ତାକ୍ଷୋଭେ ଝୁଣ୍ଡପଡ଼ିବ ଦେହ ପଲ୍ଲବେ ଶୁଷ୍କ ଶଯ୍ୟା;
ଏକାପାଖେ ପଡ଼ିଥିବ ଯଥା ପୂର୍ବ ଚନ୍ଦ୍ରଙ୍କ ରେଖା ।
ମୋ ସଙ୍ଗେ ଯା କ୍ଷଣ ପରି ଥିଲା ନେଇ ଇଚ୍ଛା ଉଠେ ବେ;
ଏବେ ସାରେ ବିରହ ଅସହ୍ୟ ରାତ୍ରି ଉଷ୍ଣାଶ୍ରୁ ପାତେ । ୨୮

ଥିଲୁ ସ୍ନେହେ ଦିନର ସଙ୍ଗିନୀ ଭେଟିବେ ନା କ୍ଷଣେହେଁ
ଏଣୁ ସାରେ ଯୁବତିର ଦଶା ଏକ ଜାଣନ୍ତୁ ନାହିଁ ।
ଏବେ ତୁମ୍ଭେ ସବୁ ପରିଜନେ ଶୋଇଲେ ଉତ୍ସୁକ ହେବା;
ଜାନ୍ଲାପାଶେ ମିଳ ରଙ୍ଗଢଙ୍ଗରେ ଥାଇ ସେ ପାଞ୍ଚ ଜାଣେ ।

ବାପେ, ତାହାର ଗଳପଡ଼ିଥିବା ଚନ୍ଦ୍ରପୀୟୂଷ କାନ୍ତି,
ପାଶେ ପର୍ବ ପ୍ରିୟମଣି ଘିବାମାତ୍ର ଭୟ ଚକ୍ଷୁଅବେ ।
ତାହା ଖେଦେ ଗଇତ ସଲିଳା କାନ୍ତପକ୍ଷ୍ମେ ମୁଦନ୍ତେ
ଶୋଭେ ମେଘେ ଅଲ୍ପ ବିକାଶା ଭୂପୁଷ୍ପା ଯଦ୍ରୂପେହେ । ୩୦

ଉଷ୍ଣଶ୍ୱାସେ ଚଳଇ ଅଳକା ଗଣ୍ଡପର୍ଯ୍ୟନ୍ତ ଲମ୍ବି;
ରୁକ୍ଷ ସ୍ନାନୁଁ ପୁଣି ନଥିବ ତା କୋମଳ ସ୍ନିଗ୍ଧ କାନ୍ତି ।
ସ୍ୱପ୍ନେ ହେଲେ ଲଭିବ ଭୂପରେ ପ୍ରେମ ସମ୍ଭୋଗ ମୋ "ଏ ମୁଁ
ଯୋଗୁଁ" ଖୋଜେ ନୟନ ସଲିଳେ ଭଙ୍ଗ ନିଦ୍ରାକୁ ବାଳା । ୩୧

ସେ ବିଚ୍ଛେଦ ପ୍ରଥମ ଦିବସେ ଛାଡ଼ିଯେ ମାଳ ଯୋଡ଼ା
ବନ୍ଧା, ଶାପୁଁ ତରି ପୁଣି ଗଲେ ଫେଡ଼ିବ ଯାକୁ ମୋର
ଏକାବେଣୀ କଠିନ ବିଷମା ଛୁଇଁଲେ ମୁଣ୍ଡଦଣ୍ଡେ
ଗଣ୍ଡା ଲମ୍ବୁଁ ଖରନଖରେ ସନ୍ତତେ ତା ପସାରେ । ୩୨

ଦେହେ ବାଳା ବହି ନଥିବ ହେ ଭୂଷଣ କ୍ଷୀଣ ହେତୁ
ସେଯେ ଶେଯେ ପଡ଼ି ଉଠୁଥିବ କ୍ଲେଶରେ ବାରବାର ।
ଦେଖନ୍ତେ ସେ ମୃଦୁ ତନୁଦଶା ତୁମ୍ଭ ନବାମ୍ବୁ ଅଶ୍ରୁ
ତେଜିବୁ କଷ୍ଟେ ପ୍ରାୟ ସକଳ ପ୍ରାଣୀ ଲୋକେ ଦୟାଳୁ । ୩୩

ଜାଣେ ମୋରେ ତବ ସଖୀମନ ସ୍ନେହରେ ପୂର୍ଣ୍ଣ ଥିବ
ଏଥୁଁ ତାକୁ ପ୍ରଥମ ବିରହେ ଭର୍ତ୍ତିଇ ଏହାକାଳେ ।
ଭ୍ରାତଃ ହେବେ ନକରଇ ମତେ ଅମ୍ଭ ବାଚାଳ ଏମ:
କହୁଥିବି ମୁଁ ସବୁ କଥା ଦେଖିଲେ ଶୀଘ୍ର ଯାଇଁ । ୩୪

ପ୍ରାନ୍ତେ ରୁନ୍ଧି ଅଳକ ପୁଣି ଯେ ଅଞ୍ଜନା ଶ୍ୱେତରୂକ୍ଷ,
ମଦଶାକ୍ତରେ କନ୍ଧ ଅଛି ଯହିଁ ଭ୍ରୂବିଳାସ ପ୍ରକାଶ ।
ତୁମ୍ଭେ ଯାଉଁ ସ୍ପନ୍ଦବ ଉପର ସେ ମୃଗାକ୍ଷୀର ନେତ୍ର
ମୀନ କ୍ଷୋଭୁଁ ଚଳ କମଳର ଶ୍ରୀତୁଲା ହେବ ଭଙ୍ଗେ । ୩୫

ନାହିଁ ମୋହୋ କରଜର-ରୁଢ଼ା ରେଖାଲ ଏଣୁ ଦୈବେ
ମୁକ୍ତା ମାଳା ଚିର ପରିଚିତା ଯେ କଣ୍ଠଦେଶ ଭୂଷା ।
ସମ୍ଭୋଗାନ୍ତେ ମୁ ମଳଦ ଲଭ୍ୟା ଶୌରଯେ ପଦ୍ମରମ୍ଭା-
ସ୍ତମ୍ଭପ୍ରାଏ; ସ୍ପନ୍ଦିବ ସୁମନା ସେହି ବାମୋରୁମଧ୍ୟ । ୩୬

ସେକାଳେ ହେ ଜଳଦ ଯଦିବା ଥାଇ ନିଦ୍ରା ସୁଖେ ସେ
ତେବେ ତାହେ ଅନୁସରି କହେ ଯାମମାତ୍ରେ ନ ଗର୍ଜି ।
କଷ୍ଟେ ସ୍ୱପ୍ନେ ଲଭି ହର ମତେ ମୋ ଗଳ୍ପ ବାହୁଗ୍ରନ୍ଥି
ଯାଇ ଅଳଙ୍କୃତ କରୁଥିବା ଶିଥିଳ ନୋହୁ ସଦ୍ୟ । ୩୭

ତାକୁ ସ୍ନେହେ ନିଜ ଜଳକଣା ଶୀତବାତେ ପ୍ରବୋଧି,
ଉଜ୍ଜୀବନ୍ତେ ପୁଣି ଅଭିନବା ମାଲତୀ ଜାଲ ସଙ୍ଗେ ।
ନେ, ଏ, ଶଙ୍କା ଅଚଳନୟନା, ମାଳନାରେ ସୁଧୀର,
କହୁ ଥରେକ ସ୍ତନିତ ବଚନେ ମାନହେ ସେଗବାକ୍ଷେ । ୩୮

ଜାଣ ସ୍ୱାମି ପ୍ରିୟ ମିତ୍ର ମତେ ମେଘ ବୋଲି ପ୍ରମାଣ,
ତୋହ୍ୱୋପାଶେ ବହି ଅବଧରେ ତାଙ୍କ ବାର୍ତ୍ତାକୁ ଚିତ୍ତେ
[illegible] ଯେବା କନ୍ତର ଚଳଭା ବେଣୀ ମୋକ୍ଷାର୍ଥୀ ସ୍ନେହେ-
ହୁଏ ଶ୍ରାନ୍ତ ଜ୍ୱଲନ୍ତ ଘନରୁ ସ୍ନିଗ୍ଧ ଗମ୍ଭୀର ଘୋଷେ । ୩୯

ଏତେବୋଲୁଁ ଉପର ମୁଖରେ ଜାନକୀ ବାତପୁତ୍ରେ—
ପ୍ରାଏ ଦେଖୁଁ ତୁମ୍ଭକୁ ରମଣୀ ଉତ୍ସୁକେ ଶୁଣୁ ପଶ୍ଚାତ୍ତୁ ।
ଚନ୍ଦ୍ରସ୍ମିତେ, ଶୁଣିବ ସକଳ ପ୍ରେମିକା କାମିନୀଙ୍କ,
ମିତ୍ରେ ଦେବା ପତ୍ରିଂ ସୁବଚନ ସଙ୍ଗମୁଁ ଅଳ୍ପ ଊଣା । ୪୦ ।

ହେ ଆୟୁଷ୍ମନ୍ତ ପର ଉପକୃତି ସ୍ୱାର୍ଥକାରୀ କହୁଅଛୁ,
ତାରେ ମୋହୋ ଉଚ୍ଚସ୍ୱ ବଚନ ଏପ୍ରକାରେ କହନ୍ତୁ ।
ତାହୋ ସ୍ୱାମୀ ଜମରି ରାମହେ ଥାଇ ଯେ ଚିତ୍ରକୂଟେ
ତାରେ ପ୍ରଶ୍ନେ କୁଶଳ [illegible] ଏ ଅପଦି— [illegible] ୪୧

ଥାନ୍ତେ ଦୂରେ ବଇରୀ ବିଧିରେ ବାନ୍ଧିଲା ରୁଦ୍ଧମାର୍ଗ,
ସାଶ୍ରୁ କ୍ଷୀଣ ପ୍ରତପତ ସଦା ବେଦନା ଶ୍ୱାସ ଦୈର୍ଘ୍ୟେ ।
ସ୍ୱାଙ୍ଗେ, ତା, ପ୍ରତପତ କୃଶୋ ଉତ୍କଣ୍ଠିତା ସାଶ୍ରୁ ସୋଷ୍ମି,
ଅଙ୍ଗ, ସଂକଳ୍ପେ ତବ, ବିଜ୍ଞମନେ, ଅଛୁ ସେ ଯୋ ମିଶାଇ । ୪୨ ।

ଉଚ୍ଚେ ଯୋଗ୍ୟ ବାକ୍ୟ ହଉଣେ ଯେ ମୁଖ ସ୍ପର୍ଶ ଲୋଭେ,
ତାଙ୍କୁ ଲୋଡ଼େ କର୍ଣ୍ଣ ସଦନେ ଶ୍ରେଣୀ ଅଗେଟ୍ ବର୍ଣ୍ଣେ ।
ସେ, ସେ ସ୍ୱାମୀ ଶ୍ରବଣ ନୟନୁଁ ଦୂରଦେଶେ ରହନ୍ତେ,
ଏ, ଉତ୍କଣ୍ଠା ହ୍ରଦଗତ କଥା ମୋମୁଖେ ପ୍ରେରଣରେ । ୪୩ ।

ଶ୍ୟାମା ଅଙ୍ଗେ, ଚକିତ ହରିଣୀ ପ୍ରେକ୍ଷଣେ ଅଙ୍ଗଦୃଷ୍ଟି
ଶୋଭା, ତୋହୋ ବଇଡ଼େ ବରହେ କେଶ, ଚନ୍ଦ୍ରେ ମୁଖାଭା ।
ଦେଖେଁ ନଦୀ ତରଙ୍ଗେ ଭ୍ରୂ ବିଳାସ,
ହା ଏକତ୍ରିତ କହିଣି ତୋ ଚଣ୍ଡି ସାଦୃଶ୍ୟ ନାହିଁ । ୪୪

ଥାଏ ସକ୍ତ ସ୍ଥଳପଦ୍ମ ସଦା ବାସିବା ତୋର ଭକ୍ତି,
ଦୂରେ ଥାନ୍ତେ ମନମଥ ଜ୍ୱରେ କ୍ଷୀଣ ହେଲେ ମୁଖେନ୍ଦୁ ।
ଘର୍ମାନ୍ତେ ମୋ ଉପନ୍ତ୍ର ସନ୍ତବେ ବାସରେ, ଯେଷ୍ଠ ହେବେ,
ସୂର୍ଯ୍ୟ ହେବାସୁ । ଘନ ଦ୍ରବଳ ସେ ଏକ ଏକେ ହ୍ରଦେ ଯୋ । ୪୫

ଯେବେ ଲେଖି ପ୍ରଣୟ କୁପିତା ରୂପେ ତୋ ଧାତୁ ରଙ୍ଗେ
ପାଷାଣେ "ତୋ ଚରଣ ପତିବା ରୂପ ମୋ" ଲେଖିଲେ
ତେବେ ଅଶ୍ରୁ ପ୍ରବଳ ସଜନେ ନେତ୍ରମୋ ରୋକିଲେ
ସେଥେ ତୋମୋ ମିଳନ ଭସହେ ମର୍ଷ ସେକ୍ରୂର ଧାତା । ୪୬

ହସ୍ତେ ସ୍ୱପ୍ନେ ଲଭି ସ୍ୱନି ତତେ ଗାଢ଼ ଆଲିଙ୍ଗନାର୍ଥେ
କ୍ଷେପେ ବ୍ୟାପିତ କର ମୋତେ ଦେଖି ଯେ ବନ୍ୟ ଦେବେ
ମୁକ୍ତା ପାଏ ଜନିତ ସଜଳ ସ୍ଥୂଳ ବନ୍ଦୁ ସ୍ରବାଇ
ପତ୍ରେ ପତ୍ରେ ଶିଶିର କପଟେ ବୃକ୍ଷରେ ଯେ ପଲ୍ଲବ । ୪୭

ତତ୍ର ବାଳେ ଯେ ବଶଳୟ ପୁଟେ ଦେବଦାରୁ ଦ୍ରୁମଙ୍କ
ବେଢ଼ି କ୍ଷୀରେ ସ୍ରବନ୍ତି ଗିରିରେ ଶୀତବାତ ସ୍ରୋତରେ
ଆମୋଦ ପୂର୍ବେଁ କରିଥିବ ଯସ୍ତ ସ୍ପର୍ଶ ହେ ଅଙ୍ଗ ଏହା
ଏଥି ଅଙ୍ଗେ ଲଗିବ ତେବେ ...

କେମନ୍ତେ ମୋ ଲଘୁ ହୁଅନ୍ତି ଏ ଦୀର୍ଘ ଯାମା ତ୍ରିଯାମା
ପ୍ରାରୁଂ ସର୍ବାବସ୍ଥା ଦିନସହା ହେଉ ଯେ ଅଳ୍ପତାପ
ଏହୂପ୍ରାପେ ଚଟୁଳ ନୟନେ ବାଞ୍ଛିବା ଚିତ୍ତ ମୋର
ନୋହେ ରକ୍ଷା ଅତି ଅସୁଖଦା ତୋ ବିଯୋଗ ବ୍ୟଥାରେ ।୪୯।

ଶାପରେ ତୋ ସହ ବହୁରବା ଅଶ୍ରୁରେ ବୋଧ ଚିତ୍ତଂ
ଆପେ ପ୍ରାଣେ ଭହ୍ମଚ ତୁହି ସେ ହେତୁ କଲ୍ୟାଣି "ଭୀରୁ
ନୋହେ୍ବା„ ଏକାନ୍ତକ ସୁଖ ଅବା ଦୁଃଖ କାହାର ଥାଏ
ଉଚେ ନୀଚେ ଚଳଇ ବଶା ଚକ୍ରଧାରା ପରାଏ । ୫୦ ।

ବୋଲନ୍ତଶ୍ରି- ପ୍ରିୟ, ପୁଣି ତୁମୋ କଣ୍ଠରେ ଲଗି ପୂର୍ବେ
ବାଳେ ନିଦ୍ରା ଲଭନ୍ତର ଉଠି କାନ୍ଦୁ ଉଚେ ସଚେତେ ।
କେତେ ହେତୁଂ କହୁ ଶଠବହେ ଦେଖିଲି ସ୍ୱପ୍ନ ଏବେ
ତୁମ୍ଭେ ଅନ୍ୟା ସ୍ୱବତି ସହିତେ କ୍ରୀଡିବା ମନ୍ଦ ହାସେ । ୫୧ ।

ଶାର୍ଙ୍ଗୀ ଶଯ୍ୟା ଫଣିରୁ ଉଠିଲେ ଶାପାନ୍ତ ମୋ ଶେଷ ହେବ;
କେ, ତୁ, କ୍ଲେଶେ ମୁଦିତ ନୟନେ ଶେଷ ଏ ଚାରି ମାସ ।
ପଛେ ଆମ୍ଭେ ଦୁଇଜଣ ମନେ ଭାବନ୍ତି ଯା ବିଯୋଗେ;
ସେ, ସେ, ଭୋଗାନୁଭବ କରିବା ଶାରଦ ଚନ୍ଦ୍ର ରାତ୍ରେ । ୫୨ ।

ଏତହ୍ନିଂ ଯେ ମୁ କୁଶଳଥିବା ଜାଣିବେ ଅମ୍ବୁଜାକ୍ଷି;
ମୋରେ ବାଲେ ନୁହ ଜନଇବୁଂ ପ୍ରାପ୍ତି ତାଶାର୍ଥ ବୁଦ୍ଧି ।
ଲୋକେ, ସ୍ନେହେ ବିପର ହ୍ରସହେ ନଷ୍ଟ ବୋଲନ୍ତି ସ୍ନେହ;
ସ୍ନେହନ୍ତ୍ୱେବ ବଢଇଥାନ୍ତି ବାଞ୍ଛିତେ ପ୍ରେମପୁଞ୍ଜି । ୫୩ ।

ଏହ୍ମ ପ୍ରାଏ ପ୍ରଥମ ବିରହେ ଉଗ୍ରଶୋକା ସଖୀକୁ;
ଅଶ୍ୱାସନ୍ତେ ହିନ୍ନଯୁତ ବୃଷୋତ୍‌ଖାତ କୂଟାଦ୍ରି ଶୃଙ୍ଗୁଂ ।
ଫେର ଶିପ୍ରେ କୁଶଳ କହିଣ ଚିହ୍ନ ସଙ୍ଗେ ଜଣାଇ;
ପ୍ରାତଃ କୁନ୍ଦପ୍ରସବଶିଥିଳ ପ୍ରାଣ ବଞ୍ଚାଅ ମୋର । ୫୪ ।

ସାଧୋ ତୁମ୍ଭେ କରିବ ଟିକମୋ ବନ୍ଧୁଙ୍କେ ବନ୍ଧୁକାର୍ଯ୍ୟ;
ଅପ୍ରତ୍ୟୁକ୍ତେ ଚାବ ଜଳଦହେ ଧୀରତା ତର୍କୁ ଭାବିଂ ।
ମାଗୁଂ ତୁମ୍ଭେ ଦିଅ ଅକ୍ଷବଦେ ଚାତକେ ମଧ୍ୟ ବାରି
ପ୍ରତ୍ୟୁକ୍ତ ସ୍ୱାଭିମତ କରଣ ପ୍ରାର୍ଥିରେ ସଜ୍ଜନଙ୍କ । ୫୫ ।

ସୌହାର୍ଦ୍ଦ୍ୟଂ ବା ବିରହ କଷଣୁଁ ମୋପରେ ବି କୃପାରୁ;
ସମ୍ପାଦୁ ଏ ପ୍ରିୟ, ଅନୁଚିତ ପ୍ରାର୍ଥନା ଚାରୁ ମୋର ।
ବର୍ଷାଶୋଭା ଲଭି ଜଳଦହେ ଇଷ୍ଟଦେଶେ, ଭ୍ରମନ୍ତୁ;
ନହୁଁ ତବ କାନ୍ତା ବିରହ ତୁମ ଏ ରୂପେ ନୋହୁ କ୍ଷଣେହେଁ । ୫୭

ସମାପ୍ତ ।

ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକ ସକଳ ଅମ୍ଭ ଙ୍କଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ଗ୍ରାହକ ମାନେ ପତ୍ରଲେଖିଲେ ପୁସ୍ତକ ଭିଃ ପିଃ ରେ ପ୍ରାପ୍ତ ହୋଇ ପାରିବେ । ଏକତ୍ର ପାଞ୍ଚ ଟଙ୍କାର ପୁସ୍ତକ ନେଲେ ଯଥେଷ୍ଟ କମିଶନ ଦିଆଯାଏ ।

ମେଘଦୂତ (ପଦ୍ୟାନୁବାଦ)	ଟ ୦॥/	ଦୟାଳୁ ମହାପାତ୍ର	ଟ ୦॥/.
ଉଦ୍ୟୋଗ (ପଦ୍ୟ)	ଟ ୦/	[illegible] ସ୍ତବ	ଟ ୦/
ଜୀବନ ଦର୍ପଣ	ଟ ୦।	ବସନ୍ତ ମାଳତୀ	ଟ ୦॥/.
ଉପଦେଶ ସୁଧାନିଧି	ଟ ୦।	ଶୋକ ସଙ୍ଗୀତ	ଟ ୦/.

ଶ୍ରୀରଘୁନାଥ ମିଶ୍ରଶର୍ମା
ଚାନ୍ଦବେର ପୋଃ, (ଉଡ଼ିଶା)